| CSM – 1/17 |
| --- |
| Odia Language |

*Time : 3 hours*

*Full Marks : 300*

*The figures in the right-hand margin indicate marks.*

*Candidates should attempt **all** questions.*

*Answer must be written in **Odia**.*

1. ନିମ୍ନଲିଖିତ ଯେକୌଣସି ଗୋଟିଏ ବିଷୟରେ ପ୍ରାୟ ଏକ ହଜାର ଶବ୍ଦ ମଧ୍ୟରେ ପ୍ରବନ୍ଧ ଲେଖ : 100

   (କ) ଏକବିଂଶ ଶତାବ୍ଦୀରେ ଗାନ୍ଧିବାଦର ପ୍ରାସଙ୍ଗିକତା

   (ଖ) ଶିକ୍ଷାୟତନ ଓ ଛାତ୍ର ରାଜନୀତି

   (ଗ) ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତି

   (ଘ) ଦୈନନ୍ଦିନ ଜୀବନରେ ବିଜ୍ଞାନ

   (ଙ) ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ଦାୟବଦ୍ଧତା

2. ନିମ୍ନଲିଖିତ ଯେକୌଣସି ପାଞ୍ଚୋଟି ରଢ଼ିକୁ ଉପଯୁକ୍ତ ଅର୍ଥପ୍ରକାଶ କରୁଥିବା ବାକ୍ୟ ମଧ୍ୟରେ ପ୍ରୟୋଗ କର : 15

   (କ) ତୁଳସୀ ଦୁଇ ପତ୍ରରୁ ବାସେ

   (ଖ) ଗଛରେ ପଣସ ଓଠରେ ତେଲ

   (ଗ) ଗୋଦରା କୋଡେ ଯେତେ ମାଡେ ସେତେ

(ଘ) କଇଁଙ୍କପାତିଆ ଭଦ୍ରଲୋକ

(ଙ) ନିଆଁ ନଥାଇ ଧୂଆଁ

(ଚ) ପାପଧନ ପ୍ରାୟଶ୍ଚିତ୍ତରେ ଯାଏ

(ଛ) ଅଠାକାଠିରେ ପଡିବା

3. ନିମ୍ନଲିଖିତ ବିଶେଷୋକ୍ତିଗୁଡ଼ିକରୁ ଯେକୌଣସି ଦୁଇଟି ବିଷୟରେ ଅନ୍ୟୁନ ଏକ ଶହ ଶବ୍ଦ ମଧ୍ୟରେ ବ୍ୟାଖ୍ୟା ଲେଖ : 20

(କ) ଏଣ୍ଡୁଅ ପରି ରଙ୍ଗ ବଦଳାଇବା

(ଖ) ଉଡା ଚଢେଇ

(ଗ) ଗୋଟିଏ ଚାଉଳରେ ଗଡା

(ଘ) ଋଷି ମୁଣ୍ଡରୁ ଜଟା ଉପାଡିବା

(ଙ) ସୁଅ ମୁହଁରେ ପତର

4. ନିମ୍ନଲିଖିତ ଯେକୌଣସି ପାଞ୍ଚୋଟିକୁ ଏକପଦରେ ପ୍ରକାଶ କରି ବାକ୍ୟରେ ବ୍ୟବହାର କର : 15

(କ) ଜୟ କରିବାର ଇଚ୍ଛା

(ଖ) କୁନ୍ତୀଙ୍କର ପୁତ୍ର

(ଗ) କ୍ରମକୁ ଅତିକ୍ରମ ନକରି

(ଘ) ଗାନ୍ଧାର ଦେଶର କନ୍ୟା

(ଙ) ଦଶହାତ ଦୈର୍ଘ୍ୟ ଯାହାର

(ଚ) ଜଗତର ଈଶ୍ୱର

(ଛ) କାନରେ କହେ ଯେ

5. (କ) ନିମ୍ନଲିଖିତ ସମୋଚ୍ଚାରିତ ଶବ୍ଦଗୁଡ଼ିକରୁ ଚାରୋଟିର ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର : 10

(i) ଈଶ – ଈଷ

(ii) ଉପାଦାନ – ଉପାଧାନ

(iii) କୁଜନ – କୂଜନ

(iv) ଚୂତ – ଚ୍ୟୁତ

(v) ସୂତା – ସୁତା

(vi) ଅସନ – ଅଶନ

(ଖ) ନିମ୍ନଲିଖିତ ଯେକୌଣସି ଚାରୋଟିର ଅର୍ଥ ଲେଖି ବାକ୍ୟ ଗଠନ କର : 10

(i) ଭୂବନେଶ୍ୱର

(ii) ଉନ୍ନିତ

(iii) ରତୁ

(iv) ଶୀକାର

(v) ସୌନ୍ଦର୍ଯ୍ୟତା

(vi) ମିନତି

(vii) ଗ୍ରାମଦ୍ୟୋଗ

6. (କ) ନିମ୍ନଲିଖିତ ଯେକୌଣସି ଚାରୋଟି ଶବ୍ଦର ଗୋଟିଏ ଲେଖାଏଁ ବିପରୀତ ଅର୍ଥବୋଧକ ଶବ୍ଦ ଲେଖି ବାକ୍ୟ ଗଠନ କର : 10

(i) ସକାଳ

(ii) ନିନ୍ଦା

(iii) ଶତ୍ରୁ

(iv) ସମତଳ

(v) ଆନନ୍ଦ

(vi) ଶାନ୍ତି

(ଖ) ନିମ୍ନଲିଖିତ ଯେକୌଣସି ଚାରୋଟି ଶବ୍ଦର ଗୋଟିଏ ଲେଖାଏଁ ସମାର୍ଥବୋଧକ ଶବ୍ଦ ଲେଖି ବାକ୍ୟରେ ବ୍ୟବହାର କର : 10

(i) ସମୁଦ୍ର

(ii) ଚନ୍ଦ୍ର

(iii) ସର୍ପ

(iv) ଶତ୍ରୁ

(v) ଆକାଶ

(vi) ପବନ

7. ନିମ୍ନଲିଖିତ ଯୁଗ୍ମ ଶବ୍ଦ ମଧ୍ୟରୁ ଯେକୌଣସି ପାଞ୍ଚୋଟି ପ୍ରୟୋଗ କରି ବାକ୍ୟ ଗଠନ କର : 10

(କ) ଛେଚାକଚା

(ଖ) କାଗଜପତ୍ର

(ଗ) ପେଡିପ୍ରୁଟୁଳା

(ଘ) ପିଠାପଣା

(ଙ) ଯଥାତଥା

(ଚ) ଭଙ୍ଗାରୁଜା

(ଛ) ଜାତିପତି

୫. ନିମ୍ନ ପରିଚ୍ଛେଦଟିକୁ ପାଠକରି ପରବର୍ତ୍ତୀ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ : 30

୧୯୨୧ ମସିହାରେ ଗୋପବନ୍ଧୁ ଜଣେ ସତ୍ୟାଗ୍ରହୀ ଥିଲେ । ନୀତିଗତଭାବେ ଜଣେ ସତ୍ୟାଗ୍ରହୀ ତାଙ୍କ ନିଜ ପକ୍ଷ ସମର୍ଥନ କରନ୍ତି ନାହିଁ । ଏହା ଅଭିଯୋଗକାରୀଙ୍କ ସାକ୍ଷୀଙ୍କୁ ଜେରା, ନିଜ ପକ୍ଷ ସମର୍ଥନପୂର୍ବକ ଦସ୍ତାବିଜ ଦାଖଲ ଓ ସାକ୍ଷୀଙ୍କୁ ହାଜର କରାଇବା ଆଦିକାର୍ଯ୍ୟ ଅନ୍ତର୍ଗତ । ସତ୍ୟାଗ୍ରହୀଭାବେ ଗୋପବନ୍ଧୁ ନିଜପକ୍ଷ ଏହି ମୋକଦ୍ଦମାରେ ସମର୍ଥନ କରିବାକୁ ମନା କରିଦେଲେ । ପୁରୀର ଏସ୍. ପି. ଶ୍ରୀ ଗାଇସ୍ ଅଭିଯୋଗକାରୀଙ୍କ ପ୍ରଥମ ସାକ୍ଷୀଭାବେ ହାଜର ହୋଇଥିଲେ । ତାଙ୍କର ଜମାନବନ୍ଦୀ ନିଆଯିବା ପରେ ଗୋପବନ୍ଧୁଙ୍କୁ ଏହି ସାକ୍ଷୀଙ୍କୁ ଜେରା କରିବାକୁ ମାଜିଷ୍ଟ୍ରେଟ୍ ପଚାରିଥିଲେ । ଗୋପବନ୍ଧୁ ପ୍ରଶ୍ନର ଉତ୍ତର ନ ଦେଇ ମାଜିଷ୍ଟ୍ରେଟ୍‌ଙ୍କୁ ଓଲଟା ପ୍ରଶ୍ନ କରିଥିଲେ । ଗୋପବନ୍ଧୁ କହିଥିଲେ ଯେ ''ଆପଣ ଏ ମୋକଦ୍ଦମାକୁ ଏଇଠି ପରିସମାପ୍ତି କରିବେ ବା ଏହା ଦୌରା ସୁପର୍ଦ୍ଦ ହେବ ।'' ଏହି ପ୍ରଶ୍ନର ଉତ୍ତର ଦେବା ବିଚାରପତିଙ୍କପାଇଁ କଷ୍ଟକର ଥିଲା । କାରଣ ଅଭିଯୋଗ ପକ୍ଷ ସେ ପର୍ଯ୍ୟନ୍ତ ସୁଦ୍ଧା ମୋକଦ୍ଦମା କ'ଣ ତା'ର ବୟାନ ଦେଇ ନଥିଲେ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ପକ୍ଷରେ ଆପାତତଃ ଅଭିଯୋଗ ଅଭିଯୁକ୍ତଙ୍କ ବିରୋଧରେ ରହିଛି କି ନାହିଁ କହିବା ସମ୍ଭବ ନଥିଲା । ମାଜିଷ୍ଟ୍ରେଟ୍ ଏହି ପ୍ରଶ୍ନରେ କିଛି ସମୟ ପାଇଁ ବିବ୍ରତ ହୋଇ ଯାଇଥିଲେ ।

ତା' ପରେ ପ୍ରକୃତିସ୍ଥ ହୋଇ କହିଥିଲେ ଯେ ''ପଣ୍ଡିତ ଜୀ ! ମୁଁ ଜାଣିଛି ଯେ ଆପଣ ଜଣେ ଓକିଲ ଏବଂ ବି. ଏଲ୍ ପାସ୍ କରିଛନ୍ତି । ଯଦିଚ ଆପଣ କେଉଁଠି ଓକିଲାତି ବ୍ୟବସାୟ ଆରମ୍ଭ କରିଛନ୍ତି କି ନାହିଁ ମୁଁ ଜାଣିନି, ତଥାପି ମଧ୍ୟ ଆପଣ ଆପଣଙ୍କର ଏକ ପ୍ରଶ୍ନର ଉତ୍ତର ମୋଠାରୁ ଚାହିଁଛନ୍ତି । ମୁଁ ଯଦି ହଁ କହେ ତା ହେଲେ ଶୁଣାଣି ପୂର୍ବରୁ ମୁଁ ମୋ ମନ ସ୍ଥିର କରି ସାରିଥିବା କାରଣରୁ ଆପଣ ଉପର ଅଦାଲତକୁ ଯିବେ । ଏ ଯାଏଁ ଅଭିଯୋଗକାରୀଙ୍କ ପକ୍ଷରୁ ମାତ୍ର ଜଣେ ସାକ୍ଷୀଙ୍କ ଜମାନବନ୍ଦୀ ନିଆଯାଇଛି । ଅଭିଯୁକ୍ତ ମଧ୍ୟ ପ୍ରତିରକ୍ଷା ସଂପର୍କିତ କିଛି କହିନାହାଁନ୍ତି । ଜଣେ ସୁବିଚାରପତି କେବଳ ଗୋଟିଏ ସାକ୍ଷୀଠାରୁ ଶୁଣି ଜଣେ ଅଭିଯୁକ୍ତଙ୍କୁ ଦୋଷୀ ଘୋଷଣା କରେ ନାହିଁ । ତେଣୁ ଆପଣଙ୍କ ପ୍ରଶ୍ନର ଉତ୍ତର ଦେବା ମୋ ପକ୍ଷରେ ଯଥାର୍ଥ ନୁହେଁ । ପ୍ରତିପକ୍ଷ ସାକ୍ଷୀଙ୍କୁ ଜେରା କରିବା ପାଇଁ ମାଜିଷ୍ଟ୍ରେଟ୍‌ଙ୍କ ପ୍ରଶ୍ନର ଉତ୍ତରରେ ଗୋପବନ୍ଧୁ କହିଲେ ଯେ ''ମୁଁ ଜଣେ ସତ୍ୟାଗ୍ରହୀ । ଜଣେ ସତ୍ୟାଗ୍ରହୀଭାବେ ମୁଁ ବ୍ରିଟିଶ ଅଦାଲତ ଓ ବ୍ରିଟିଶ ନ୍ୟାୟକୁ ସ୍ୱୀକାର କରେ ନାହିଁ । ତେଣୁ ମୁଁ ସାକ୍ଷୀଙ୍କୁ ଜେରା କରିବି ନାହିଁ ।''

ପ୍ରଥମ ଦିନର ବିଚାର ଏସ୍. ପି. ଙ୍କ ଜମାନବନ୍ଦୀରେ ଶେଷ ହେଲା । ଅଦାଲତ ଉଠିବା ପୂର୍ବରୁ ପରଦିନ ହାଜିର ହେବାପାଇଁ ଗୋପବନ୍ଧୁଙ୍କୁ ଜାମିନ ଦରଖାସ୍ତ ଦେବାକୁ ଥିଲା । ଗୋପବନ୍ଧୁ ଜଣେ ଜାମିନଦାର ଦିଅନ୍ତୁ ବୋଲି ଅଦାଲତ ନିର୍ଦ୍ଦେଶ ଦେଲେ । ଏହା ଏକ ସମ୍ବେଦନଶୀଳ ପରିସ୍ଥିତି ସୃଷ୍ଟି କରିଲା । ଜଣେ ସତ୍ୟାଗ୍ରହୀଭାବେ

ଜାମିନ୍ ପାଇଁ ସେ କେବେ ରାଜି ନଥିଲେ ଏବଂ ଜେଲ୍‌କୁ ଯାଇଥିଲେ ଜଣେ ବିଚାରାଧୀନ ବନ୍ଦୀ ହିସାବରେ । ମାଜିଷ୍ଟ୍ରେଟ୍ ମଧ୍ୟ ଗୋପବନ୍ଧୁ ଜେଲ୍ ଯିବା ଚାହୁଁନଥିଲେ । କିନ୍ତୁ ତାଙ୍କର ଉପାୟ ନଥିଲା । ଉତ୍ତେଜନା ପ୍ରବଣ ତାଙ୍କର ବନ୍ଧୁମାନେ ଜନସାଧାରଣଙ୍କ ପକ୍ଷରୁ ଅଦାଲତରେ ଜାମିନ୍ ଦରଖାସ୍ତ ଦାଖଲ କଲେ, ମାତ୍ର ଅଭିଯୁକ୍ତ ନିଜେ ଜାମିନ୍ ଦରଖାସ୍ତ ଦେଇ ନଥିବାରୁ ତାଙ୍କୁ ଜେଲକୁ ପଠାଇଦିଆଗଲା ।

ଗୋପବନ୍ଧୁଙ୍କ ବିଚାର ଓଡ଼ିଶା ଲୋକଙ୍କ ପାଇଁ ଏକ ଆବେଗର କାରଣ ଥିଲା । ପ୍ରତି ମୋକଦ୍ଦମା ତାରିଖରେ ଅଦାଲତ ଭିତରେ ଏବଂ ପରିସରରେ ବିପୁଳ ଜନସମାଗମ ହେଉଥିଲା । ପାଟିଗୋଳ ଏତେ ଅଧିକ ଥିଲା ଯେ ମାଜିଷ୍ଟ୍ରେଟ୍, ତାଙ୍କ କାର୍ଯ୍ୟରେ ମନନିବନ୍ଧ କରିବା ଅସମ୍ଭବ ହୋଇ ପଡିଥିଲା । ସେ ଅନୁଭବ କରିଥଲେ ଯେ ଯଦି ଖୋଲା ସ୍ଥାନରେ ମୋକଦ୍ଦମା ବିଚାର କରାଯାଏ ହୁଏତ ମୋକଦ୍ଦମାର ବିବରଣୀ ଲକ୍ଷ୍ୟ କରିବାକୁ ଲୋକେ ନୀରବତା ଅବଲମ୍ବନ କରି ପାରନ୍ତି । ତଦନୁସାରେ ଅଦାଲତ ପରିସରରେ ଥିବା ଏକ ଗଛ ଛାଇରେ ମାଜିଷ୍ଟ୍ରେଟ୍ ଶ୍ରୀ ସୁରେଶ ଚନ୍ଦ୍ର ବୋଷ ତାଙ୍କ ଇଜଲାସ୍‌କୁ ସ୍ଥାନାନ୍ତର କରିଥିଲେ । ଜଣାଯାଉଥିଲା ଯେ ଗୋପବନ୍ଧୁଙ୍କର ମୁକ୍ତାକାଶ ଶ୍ରେଣୀକକ୍ଷ ପ୍ରତି ଥିବା ଅନୁରାଗକୁ ମାଜିଷ୍ଟ୍ରେଟ୍ ସତେ ଯେମିତି ଅନୁକରଣ କରୁଛନ୍ତି । ବିଚାରପତିଙ୍କର ଏହି ପରୀକ୍ଷା ବିପୁଳ ସଫଳତା ଲାଭ କରିଥିଲା ଏବଂ ହଜାର ହଜାର ଲୋକ ତାଙ୍କ ନେତାଙ୍କ ସମ୍ମାନାର୍ଥେ ଗଭୀର ନୀରବତା ସହ ଏହି ବିଚାରଧାରା ନିରୀକ୍ଷଣ କରୁଥିଲେ । ଶାନ୍ତି ରକ୍ଷା ପାଇଁ ପୁଲିସ୍ ବାହିନୀ ମୁତୟନ ଆବଶ୍ୟକ ହୋଇ ନଥିଲା ।

ବିଚାର ଶେଷରେ ଗୋପବନ୍ଧୁ ତାଙ୍କ ନାମରେ କରାଯାଇଥିବା ଅଭିଯୋଗକୁ ସ୍ୱୀକାର କରୁଛନ୍ତି କି ନାହିଁ ଏବଂ ଅପରପକ୍ଷର ସାକ୍ଷୀଙ୍କୁ ଜେରା କରିବାକୁ ଚାହୁଁଛନ୍ତି କି ନାହିଁ ବୋଲି ପଚରାଯାଇଥିଲା । ବନ୍ଧୁ ଓ ଶୁଭେଚ୍ଛୁମାନଙ୍କ ଆଗ୍ରହ ଫଳରେ ସେ କୁଣ୍ଠିତ ଭାବରେ ଜମାନବନ୍ଦୀ ଦେବାକୁ ରାଜି ହୋଇଥିଲେ । ସମାଜରେ ବାହାରିଥିବା ଏକ ଖବର ପାଇଁ ତାଙ୍କ ନାମରେ ମାନହାନି ମୋକଦ୍ଦମା ହୋଇଥିଲା । ଜମାନବନ୍ଦୀରେ ଜଣେ ସଂପାଦକଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟ ବିଷୟରେ ତାଙ୍କର ମତାମତ ସମ୍ବଳିତ ଏହି ଜମାନବନ୍ଦୀ ସମଗ୍ର ବିଶ୍ୱର ସାମ୍ବାଦିକମାନଙ୍କ ପାଇଁ ଏକ ଅବିସ୍ମୃତ ଦସ୍ତାବିଜ ଅଟେ ।

ସାକ୍ଷ୍ୟ ପ୍ରମାଣ ସରିଲା ସିନା ଅଭିଯୁକ୍ତଙ୍କ ପକ୍ଷରୁ ଜବାବ୍ ସୁଆଲ କରିବାପାଇଁ କେହି ନଥିଲେ । ଲୋକମାନେ ଆଇନର ଧାରା ବିଷୟରେ ଆଗ୍ରହୀ ନ ଥିଲେ । ତାଙ୍କର ଆଗ୍ରହ ଥିଲା ଅଭିଯୁକ୍ତଙ୍କ ସମ୍ବନ୍ଧରେ କ'ଣ ବିଚାର ହେଲା । ସେଥିପାଇଁ ରାୟ ଦେବା ଦିନ ଖୋର୍ଦ୍ଧାରେ ପ୍ରଦେଶର ସବୁ ଅଞ୍ଚଳରୁ ଜନତାଙ୍କ ଭିଡ ବଢିଲା । ସେମାନେ କିଏ ପାଦରେ, କିଏ ଶଗଡ ଗାଡିରେ ତ କିଏ ପାଲିଙ୍କିରେ ଆସିଥିଲେ । ସତେ ଯେପରି ଲୋକେ ଏକତୀର୍ଥାଟନରେ ତାଙ୍କ ପ୍ରିୟ ନେତାଙ୍କୁ ଦୋଷମୁକ୍ତ ବା ଦଣ୍ଡିତ, ଯାହା ହେଉ ନାଁ କାହିଁକି ଦେଖିବାକୁ ଯାଉଥିଲେ ।

ସବ୍‌ଡିଭିଜନ କର୍ତ୍ତୃପକ୍ଷଙ୍କୁ ରାୟପ୍ରଦାନ ଭୀତତ୍ରସ୍ତ କରିଥିଲା । ସ୍ୱୟଂ ଏସ୍. ଡି. ଓ. ଅଜୟ ଚନ୍ଦ୍ର ଦାସ ଭାବିଥିଲେ ଯେ ଗୋପବନ୍ଧୁଙ୍କୁ ଦଣ୍ଡାଦେଶ ଶୁଣାଇବା ପରେ ଲୋକମାନେ ନିଶ୍ଚୟ

ଉତ୍ତେଜିତ ହେବେ ଏବଂ ହିଂସାତ୍ମକ କାଣ୍ଡ ନିଶ୍ଚୟ ଘଟିବ । ବିଚାରପତି ନିଜର ମନସ୍ଥିର କରିପାରୁନଥିଲେ । ଏସ୍. ଡି. ଓ. କୌଣସି ବିପଦ ନେବାକୁ ପ୍ରସ୍ତୁତ ନଥିଲେ । ସେ ସବ୍‌ଡିଭିଜନର ସମସ୍ତ ଚୌକିଦାରମାନଙ୍କୁ ଆଇନ ଶୃଙ୍ଖଳା ରକ୍ଷା ପାଇଁ ଡକାଇଥିଲେ ଓ ସଶସ୍ତ୍ର ପୁଲିସ୍‌ଙ୍କ ସାହାଯ୍ୟ ମଧ୍ୟ ଚାହିଁଥିଲେ । ଶ୍ରୀ ବୋଷ ଜନତାଙ୍କୁ ଉତ୍ତେଜିତ କରିବା ପାଇଁ କୌଣସି କାର୍ଯ୍ୟକ୍ରମ ଗ୍ରହଣ ନ କରିବାକୁ ଏସ୍. ଡି. ଓ.ଙ୍କୁ ଅନୁରୋଧ କରିଥିଲେ । ସେ ଏଭଳି ମଧ୍ୟ ଚିନ୍ତା କରୁଥିଲେ ଯେ ଯଦି ଗୋପବନ୍ଧୁ ଖଲାସ ହୋଇଯିବେ, ତେବେ ଲୋକଙ୍କର ଆନନ୍ଦ ସମ୍ଭାଳିବା କଷ୍ଟକର ହେବ । ସେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ସ୍ଥିର କରିଥିଲେ ଓ ଯଦି ସରକାର ସେଥିପାଇଁ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି ସେ ସରକାରଙ୍କର ହୀନ ଉଦ୍ଦୀମକୁ ସତ୍ୟବୋଲି ପ୍ରମାଣିତ କରିଦେବେ ।

ଶେଷରେ ଭାଗ୍ୟ ନିର୍ଦ୍ଧାରଣର ମୁହୂର୍ତ୍ତ ପହଞ୍ଚିଲା । ମାଜିଷ୍ଟ୍ରେଟ୍ ସମ୍ମୁଖରେ ଥିବା ଜନସମୁଦ୍ରକୁ ଦେଖିଲେ । ଗୋପବନ୍ଧୁ ଅଦାଲତରେ ପହଞ୍ଚିଲେ ଜନତାକୁ ସମ୍ଭାଳିବା କଷ୍ଟକର ହୋଇଯିବ ବୋଲି ସେ ବିଳମ୍ବରେ ଅଭିଯୁକ୍ତଙ୍କୁ ଆସିବାକୁ ନିର୍ଦ୍ଦେଶ ଦେଲେ । ଗୋପବନ୍ଧୁ ପଥସାରା ଲୋକଙ୍କୁ ଉଦ୍‌ବୋଧନ ଦେଉଥିଲେ । ଅହିଂସାର ଦୃଢତା ସଂପର୍କରେ ତାଙ୍କୁ ବୁଝାଇ ଧୈର୍ଯ୍ୟ ଧରିବାକୁ ନିବେଦନ କରୁଥିଲେ । ଗୋପବନ୍ଧୁ ଅଦାଲତରେ ଦଣ୍ଡାଦେଶ ଶୁଣାଇବାକୁ ମାଜିଷ୍ଟ୍ରେଟ୍‌ଙ୍କୁ ଅନୁରୋଧ କରି ତାଙ୍କର ଜେଲଯାତ୍ରାର ଅବଧି ବିଷୟରେ ଜାଣିବାକୁ ଚାହୁଁଥିଲେ । ମାଜିଷ୍ଟ୍ରେଟ୍ ଗୋଟିଏ ମାତ୍ର ବାକ୍ୟ ପଢିଲେ "ପଣ୍ଡିତ

ଗୋପବନ୍ଧୁ ଦାସ ନିର୍ଦ୍ଦୋଷରେ ଖଲାସ'', ଲୋକମାନଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସର ଉଚ୍ଚ ଧ୍ୱନି ଖେଳିଯାଉଥିଲା । ଏପରିକି ଆନନ୍ଦରେ ମାଜିଷ୍ଟ୍ରେଟ୍‌ଙ୍କ ଆଖିରୁ ଲୁହଧାର ବୋହି ଯାଉଥିଲା । ଗୋପବନ୍ଧୁଙ୍କର ଏହି ବିଚାର ସମସ୍ତଙ୍କ ପାଇଁ ଆଖି ଖୋଲିଲା ଭଳି ଥିଲା । ବ୍ୟକ୍ତିଗତ କ୍ଷତି ଓ ପରିଣତି ସତ୍ତ୍ୱେ ମାଜିଷ୍ଟ୍ରେଟ୍ ମହାଶୟ ଗୋପବନ୍ଧୁଙ୍କୁ ଖଲାସ କରି ବିଚାରବିଭାଗକୁ ଦେଶରେ ନିଷ୍କଳଙ୍କ ରଖିବାର ଶ୍ରେୟ ପାଇଛନ୍ତି ।

**ପ୍ରଶ୍ନାବଳୀ :**

(କ) ଗୋପବନ୍ଧୁଙ୍କର ଜନପ୍ରିୟତାର ପ୍ରମାଣ ଦିଅ ।

(ଖ) ମାଜିଷ୍ଟ୍ରେଟ୍ ଗୋପବନ୍ଧୁଙ୍କ ପାଇଁ କେଉଁ ଆଦେଶ ଦେଇଥିଲେ ?

(ଗ) ଅଦାଲତକୁ ଯିବା ବାଟରେ ଗୋପବନ୍ଧୁ କ'ଣ କରୁଥିଲେ ?

(ଘ) ଲୋକମାନେ କ'ଣ ପାଇଁ ଗଣ୍ଡଗୋଳ ନ କରି ସ୍ଥିର ରହିଥିଲେ ?

(ଙ) କାହିଁକି ଗୋପବନ୍ଧୁ ଜାମିନ୍ ପାଇଁ ରାଜି ହେଲେ ନାହିଁ ?

9. ଓଡ଼ିଆରେ ଅନୁବାଦ କର : 30

'Nuakhai' known as 'nabanna parva' is a well known agricultural and social festival of Western Odisha. It is a festival of honour the new crop of the year when the paddy grows to its full form within the paddy plant, and also at the same time to honour the god of cultivation.

Nuakhai is observed at home, in the family, in the month of Bhadrav. By the time of Nuakhai the 'maldhan', a type of paddy crop of Western

Odisha is harvested. People offer this new crop to their traditional family deity, usually Mahalaksmi and pray to her to bliss the family members to live in plenty, peace and happiness for the coming year. It is a auspicious moment when one has to symbolically eat the new crop is decided in the name of the family deity by the prists of local area. On the Nuakhai day, in very early morning, the women folk of the family, after taking bath clean the house premises neatly. Various types of delicious dishes, such as cakes, payas sweets etc are prepared and offered first to the family deity. Then they share the special dishes among themeselves. The family members join together on this day and celebrate the occasion. Usually they visit various temples. They greet friends and relatives in the occasion.

10. ନିମ୍ନଲିଖିତ ପରିଚ୍ଛେଦଟିର ସାରାଂଶ ପ୍ରାୟ **ତୁଇଶହ** ଶବ୍ଦ ମଧ୍ୟରେ ଲେଖ । ଏହା ଯଥାସମ୍ଭବ ନିଜ ଭାଷାରେ ଲେଖା ହେବା ଆବଶ୍ୟକ । ଶେଷରେ ବ୍ୟବହୃତ ଶବ୍ଦ ସଂଖ୍ୟା ଉଲ୍ଲେଖ କରିବାକୁ ପଡ଼ିବ : **40**

ବ୍ୟକ୍ତିତ୍ୱ ବ୍ୟକ୍ତିର ସାମଗ୍ରିକ ସ୍ୱଭାବ ବା ସ୍ୱାତନ୍ତ୍ର୍ୟର ପରିଚାୟକ । ବ୍ୟକ୍ତିତ୍ୱକୁ ବ୍ୟକ୍ତି ନିର୍ମାଣ କରେ ଓ ସମଗ୍ର ଜୀବନ ସେହି ବ୍ୟକ୍ତିତ୍ୱକୁ

ସୁରକ୍ଷିତ କରିବାର ସାଧନା କରୁଥାଏ । ଜଣେ ସ୍ମିତ ହସି, ମିଠାକଥା କହି, ଆଦର କରି ଅନ୍ୟର ମନ ନେଇପାରେ, ମାତ୍ରଜଣେ ଖୁବ୍ ରୂପବାନ୍, ଉଚ୍ଚଶିକ୍ଷିତ ଧନୀବ୍ୟକ୍ତି ନିଜର ଅହଂକାର ନେଇ ଅନ୍ୟମାନଙ୍କ ଆଗରେ ହେୟ ମନେ ହୁଏ । ବ୍ୟକ୍ତିତ୍ୱର ଗଠନ ସଂପର୍କରେ ମନସ୍ତତ୍ତ୍ୱବିଦ୍‌ମାନେ ଅନେକ ପରୀକ୍ଷା କରି ବିଭିନ୍ନ ତତ୍ତ୍ୱ ଉପସ୍ଥାପନ କରିଛନ୍ତି । ଏଠାରେ କିନ୍ତୁ ଆମେ ବଞ୍ଚୁଥିବା ଜୀବନର କେତେକ ଅତି ସାଧାରଣ କଥା ହିଁ ଉପସ୍ଥାପନ କରିବା । କଥାରେ ଅଛି ''ଚାଟଘରପିଲା ଚାଟ'' । ପୁଣି କୁହାଯାଏ ''ଯାହାର ବାପ ଚଢେ ଘୋଡା, ତା'ର ପୁଅ ଥୋଡା ଥୋଡା ।'' ପରଂପରା ଓ ପିଲାଦିନ ହିଁ ବ୍ୟକ୍ତିତ୍ୱ ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ତଥାପି ଦେଖାଯାଏ, ସବୁବେଳେ ପଣ୍ଡିତଙ୍କ ସନ୍ତାନ ପଣ୍ଡିତ ହୁଏ ନାହିଁ ବା ଯୋଦ୍ଧାର ସନ୍ତାନ ଯୋଦ୍ଧା ହୁଏ ନାହିଁ । ବିଜ୍ଞାନ ଅନୁସାରେ ପରଂପରାର କିଛି ଛିଟା ଅବଶ୍ୟ ବ୍ୟକ୍ତିତ୍ୱରେ ପ୍ରତିଫଳିତ ହୁଏ ।

ଯେଉଁ ପରିବାରରେ ଅଧିକ ସନ୍ତାନ ତଥା ଅଭାବ ଥାଏ, ସେଠାରେ ଶିଶୁର ଲାଳନପାଳନ ଠିକ୍‌ଭାବରେ ହୋଇ ପାରେ ନାହିଁ । ଶ୍ରମଜୀବୀ ମହିଳାମାନେ ଶିଶୁକୁ ଅଫିମ ଭଳି ମାଦକ ଦ୍ରବ୍ୟ ଖୁଆଇ ଶୁଆଇ ପକାଇବା ପରେ କାମକୁ ଯିବାର ନଜିର ମଧ୍ୟ ରହିଛି । ସେ ଶିଶୁ ବଡ଼ହୋଇ ସମାଜଉପଯୋଗୀ ହେବ କିଭଳି ? ଯଦି ଶିଶୁଟି ପିଲାଦିନରୁ ବାପା ମାଆଙ୍କର କଳିଗୋଳ, ମାଡପିଟ ଦେଖି ତାବ୍‌ଦା ହୋଇଯିବ ସେ ଉପଯୁକ୍ତ ଭାବରେ ବଢି ପାରିବ କି ? ଆଜିତ ଭଗ୍ନ ପରିବାର ଏକକ ପରିବାର ପାଲଟିଗଲାଣି । ଏକୁଟିଆ ମାଆ କିମ୍ବା ବାପା ପିଲାଟିକୁ ବଢାଉଛନ୍ତି । ଯେଉଁଠି ଶିଶୁମାନେ

ବାପା ମାଆ ଉଭୟଙ୍କର ସ୍ନେହ ପାଇବାରୁ ବଞ୍ଚିତ ହେଉଛନ୍ତି ସେଠି ଜେଜେ, ଜେଜେମା, ଦାଦା, ଖୁଡୀ, ବଡବାପା ବଡବୋଉଙ୍କ କଥା ପଚାରେ କିଏ ?

ସାଧାରଣତଃ ପିଲାଟିଏ ନିଜ ଅଜାଣତରେ ବାପାମାଆଙ୍କୁ ଅନୁସରଣ କରିଥାଏ । ଚିକିତ୍ସକଙ୍କ ସନ୍ତାନ ଷ୍ଟେଥୋ ଧରିବାକୁ ଆଗ୍ରହ କରେ । ଅଧ୍ୟାପକଙ୍କ ପିଲା ସଠିକ୍ ଦିଗ୍‌ଦର୍ଶନ ପାଇ ଶିକ୍ଷାର ମହତ୍ତ୍ୱ ବୁଝନ୍ତି । ତେଣୁ ନିର୍ଦ୍ଦିଷ୍ଟ ବିଦ୍ୟା ପ୍ରତି ସେମାନଙ୍କର ଆଗ୍ରହ ବଢେ ଓ ସେଥିପାଇଁ ପରିଶ୍ରମ ମଧ୍ୟ ସହଜ ମନେ ହୁଏ ।

ଆଚରଣରେ ମଧ୍ୟ ପରଂପରାର ପ୍ରତିଫଳନ ଦିଶେ । ଖୁବ୍ ଶିକ୍ଷିତା, ଉପାର୍ଜନକ୍ଷମ ବିଦେଶ ଫେରନ୍ତା ବୋହୂଟି ଶାଶୂଘରେ ଓଢଣା ଦିଏ । ଗୁରୁଜନମାନଙ୍କ ପାଦ ଛୁଇଁ ଜୁହାର ହୁଏ । ନିଜ ଆଗ୍ରହ ଫଳରେ ସେ ମା' ବା ଶାଶୂଙ୍କ ଠାରୁ ଶିଖିଥିବା ଏହି ପରଂପରାକୁ ଧରିରଖେ । ଏହାର ବିପରୀତ ଦୃଶ୍ୟ ମଧ୍ୟ ଦେଖାଯାଏ । ପରଂପରାକୁ ବାଦ୍ ଦେଇ ଶିକ୍ଷିତା ବୋଲାଉଥିବା ମହିଳାଟି ନିଜ ପିଲାକୁ ପୁରାଣ ଇତିହାସ ଏପରିକି ନିଜ ପିତୃପୁରୁଷଙ୍କ ଗରିମା ସଂପର୍କରେ ପଦଟିଏ କହିବାପାଇଁ ଅକ୍ଷମ ହୁଏ ।

ମୋ ବାପା ଆମ ଗାଁର ମାନ୍ୟଗଣ୍ୟ ବ୍ୟକ୍ତି । ତେଣୁ ତାଙ୍କର ଜୀବଦ୍ଦଶାରେ ଏପରିକି ତାଙ୍କର ଦେହାନ୍ତ ପରେ ମଧ୍ୟ ମୁଁ ଏପରି କାର୍ଯ୍ୟ କରିବି ନାହିଁ ଯାହା ତାଙ୍କ ସୁନାମରେ ବାଧା ଆଣିବ । ବ୍ୟକ୍ତିତ୍ୱ କେମିତି ନିର୍ମିତ ହେଲା ଦେଖିଲେ ତ ? ମୋର ପରଂପରା ଓ ମୋର ସ୍ୱାଭିମାନ ମିଶି ମୋ ବ୍ୟକ୍ତିତ୍ୱକୁ ଦୃଢ଼ତା ଦେଲେ ଓ ମୁଁ ନିଜର ଆଶୁ ଆନନ୍ଦ ପାଇଁ ପୂର୍ବରୁ ପ୍ରସ୍ତୁତ ଆଦର୍ଶରୁ ବିଚ୍ୟୁତ ହୋଇ ପାରିଲି ନାହିଁ । ଏଇଠି

ଆସେ ପାରିବାରିକ ଶିକ୍ଷା ଓ ଶୃଙ୍ଖଳାର କଥା । ତେଣୁ ଆମେ ଭାବି ଦେଉ ଯେ ଯଦି ଜଣେ ଯୁବକ ନିଜ ମାଆଙ୍କୁ ସମ୍ମାନ କରୁଥାଏ ତେବେ ସେ ନିଶ୍ଚୟ ତାର ପତ୍ନୀକୁ ଶ୍ରଦ୍ଧା କରିବ । ନିଶ୍ଚୟ ଅତିଥିଙ୍କ ପ୍ରତି ଆଦର ସତ୍କାର, ଗୁରୁଜନଙ୍କ ପ୍ରତି ସମ୍ମାନ, ସଂପର୍କୀୟମାନଙ୍କ ପ୍ରତି ସଂଭ୍ରମ ଏପରିକି ଆଶ୍ରିତମାନଙ୍କ ପ୍ରତି କରୁଣା ପିଲାଟି ପରିବାରରୁ ଶିଖିଥାଏ । ପରିବାରରେ ମତ ପାର୍ଥକ୍ୟ ହେଲେ ସେ ଏକାଧିକ ମତ ମଧ୍ୟରୁ କେଉଁ ମତକୁ ଗୋଟାସୁଦ୍ଧା ଗ୍ରହଣ କରିପାରେ ନାହିଁ । ଆମ ପିଲାଦିନେ ଶୁଣିଥିବା ଟୁଆଁଟୁଇଁ କଥା, ଚତୁର କୁଆ ଗୋଡି ପକାଇ ମାଠିଆରୁ ପାଣିପିଇବା କଥା, ବୁଢୀ ଅସୁରୁଣୀ କଥା କି ବକାସୁର, ଭୀମର ପିଠାଖିଆ ବା ପୁତନା କଥା ଆମେ ଜେଜେବାପା ଓ ଘରର ସହାୟକ ନରିଆ ଠାରୁ ଶୁଣିଥିଲୁ, ଯାହା ଆଜିଯାଏ ମନେ ଅଛି । ଜେଜେମା ଶୁଣାଇଥିବା ବାଇଚଢେଇ ଗୀତ ବି ଭୁଲି ହେଉନାହିଁ । ମନେ ହେଉଥିଲା ସେଇ ଚରିତ୍ରମାନେ ଆମ ଚାରିପାଖରେ ଭିଡ କରିଛନ୍ତି । ମଣିଷ ଶିଶୁ ଏଦୁନିଆଁରେ ସବୁଠାରୁ ଅସହାୟ, ଏକଥା ନ ଜାଣେ କିଏ ? ଏକଥା ସତ ଯେ ବାଘର ପିଲା ବାଘ ହୁଏ । ଗାଈର ପିଲା ଗାଈ ହୁଏ କିନ୍ତୁ ମଣିଷ ପିଲା କେବଳ ମଣିଷର ଆକୃତି ହିଁ ପାଏ । ତାକୁ 'ମଣିଷ' କରିବା ପାଇଁ ସମଗ୍ର ପରିବେଶକୁ ଅନେକ ତ୍ୟାଗ କରିବାକୁ ପଡିଥାଏ ।

ପାରିବାରିକ ଶିକ୍ଷା ବ୍ୟକ୍ତିତ୍ୱକୁ ସାମର୍ଥ୍ୟ ଦିଏ । ସହନଶୀଳତା ଦିଏ, ତ୍ୟାଗ ଭାବନା ଦିଏ । ତା ମନରେ ଦାୟିତ୍ୱ ନେବାର ମନୋଭାବ ଜାଗ୍ରତ ହୁଏ ଓ ତା ବ୍ୟକ୍ତିତ୍ୱରେ ସେ ସବୁର ଛାପ ପଡେ । ତେଣୁ ସେ ଘରର ଛୋଟବଡ ଜିନିଷ ବ୍ୟବହାର ପରେ ସାଇତି ରଖେ । ସାନ

ଭାଇ ଭଉଣୀଙ୍କୁ ପାଠ ପଢ଼ାଇ ଦିଏ ବା ଘରେ କେହି ଅସୁସ୍ଥ ହେଲେ ପଢାପାଖରୁ ଉଠି ଡାକ୍ତରଖାନା ମଧ୍ୟ ଧାଏଁ । ଆମେ କିନ୍ତୁ ଆମ ମାନସିକତା ପିଲାଟି ଉପରେ ଚାପି ଦେଉ ଓ ତାକୁ ବହିଧରି ଭବିଷ୍ୟତ ପାଇଁ ଉପଯୁକ୍ତ କରୁ କରୁ ତାର ବର୍ତ୍ତମାନକୁ ଉଜାଡି ଦେଉ ।

ଆମେ ଜାଣୁଁ ଯେ କହି ଦେବା ସବୁଠାରୁ ସହଜ ମାତ୍ର ପରିବାରର ସୁପରିଚାଳନା ବେଶ୍ କଷ୍ଟକର । ପରିବାର ତ୍ୟାଗର ଭିତ୍ତିଭୂମି ଉପରେ ଠିଆ ହୋଇଛି । ଆଜିର ପିଲାମାନଙ୍କର ଚିନ୍ତାଶକ୍ତିର ଅନୁମାନ କରିବା ସହଜ ନୁହେଁ । ସେମାନେ ନିଜକୁ ସମ୍ଭାଳିବା ଶିଖି ଗଲେଣି । ଯେଉଁଠି ଗୁରୁଜନମାନେ ବାଟ ଦେଖାଇବାକୁ ସମର୍ଥ ନୁହଁନ୍ତି, ସେଠାରେ ସେମାନେ ଦାୟିତ୍ୱ ନେଇ ପ୍ରମାଣ କରି ଦେଉଛନ୍ତି ଯେ ସେମାନେ ସମର୍ଥ । ଏକଥାରେ ଆପଣମାନେ ନିଶ୍ଚୟ ସହମତ ହେବେ ଯେ ପିଲାମାନେ ହିଁ ବାପାମାଆଙ୍କର ତ୍ରୁଟି ବିଚ୍ୟୁତି ପ୍ରତି ଅଧିକ ସଚେତନ । ଭଗବାନ ଆମକୁ ପିଲାଟିଏ ଦେଇଛନ୍ତି ମାନେ ଆମକୁ ଅତିନିକଟରୁ ଦେଖିବା ପାଇଁ ଯୋଡିଏ ସତର୍କ ଆଖି ହିଁ ଦେଇଛନ୍ତି । ସେ ସତର୍କ ଆଖି ଆମ ଚାଲିଚଳଣି ଓ କଥାବାର୍ତ୍ତାକୁ ପର୍ଯ୍ୟବେକ୍ଷଣ କରୁଥାଏ । ସେହିପରି ପିତାମାତଙ୍କ ସତର୍କ ଦୃଷ୍ଟି ଯଦି ସନ୍ତାନମାନଙ୍କ ବିଚାରକୁ ନିୟନ୍ତ୍ରଣ କରିବ ତେବେ ଶିଶୁର ବ୍ୟକ୍ତିତ୍ୱ ଗଠନ ସହଜ ହେବ । ନିଜେ ତ୍ରୁଟିପୂର୍ଣ୍ଣ ଜୀବନଯାପନ କରୁଥିବା ବାପାମାଆ କେବଳ କଥା କହି, ଗାଳିଦେଇ ପିଲାଟିର ସ୍ୱଭାବ ଚରିତ୍ର ଗଠନ କରିବା ସମ୍ଭବ ନୁହେଁ । ଦୀର୍ଘକାଳ ବ୍ୟବହାର କଲେ ଯନ୍ତ୍ରଟିଏ ଖରାପ ହୁଏ । ଯଦି ଯନ୍ତ୍ରାଂଶ ଖଞ୍ଜି ତାହାକୁ କର୍ମକ୍ଷମ କରାଯାଇପାରେ ତ ଭଲ । ନଚେତ୍ ତାହାକୁ ବଦଳାଇବାକୁ ପଡେ । ସେହିଭଳି ପରିବାରକୁ ଏବେ ପୁନର୍ଗଠନ

କରିବାର ସମୟ ଆସିଛି । ଖାଲି ଉପଦେଶ ନୁହେଁ, ପିଲା ଆଗରେ ଜୀବନ୍ତ ଆଦର୍ଶ ହେବାକୁ ପଡିବ । ଏ କଥା ମଧ୍ୟ ଆମେ ଜାଣିଛୁ ଯେ, ଆମର ସମୟ ବହୁଧା ବିଭକ୍ତ । ଆମର ଜୀବନଧାରା ସୁନିୟନ୍ତ୍ରିତ ନୁହେଁ । ତଥାପି ଆମ ପରପୀଢ଼ିକୁ କ'ଣ ଆମେ ନଷ୍ଟ ହେବା ପାଇଁ ଛାଡି ଦେଇ ପାରିବା ? ଏହା ଆଜିର ଶିକ୍ଷିତ, ମର୍ଯ୍ୟାଦାବନ୍ତ, ଉପାର୍ଜନକ୍ଷମ ମଣିଷର କର୍ତ୍ତବ୍ୟ କି ? ଆମ ସହିତ ଏ ପୃଥିବୀ ଶେଷ ହେବ ନାହିଁ । ତେଣୁ ଆମ ପିଲାଙ୍କ ପାଇଁ ଏକ ସୁନ୍ଦର ସୁବ୍ୟବସ୍ଥିତ ପୃଥିବୀ ଛାଡିଯିବା ଆମ ଦାୟିତ୍ୱ ।